## ସଂକ୍ଷେପରେ

### ଭିନୁ ମଙ୍କଡ ଟ୍ରଫି ଓଡ଼ିଶା ଟିମ୍‌ରେ ଆଲ୍‌ଫା ସ୍ପୋର୍ଟିଂ କ୍ଲବର ଅଭିନିତ୍



ବ୍ରହ୍ମପୁର,୨।୧୦(ସ୍ୱାଧୀନ ଶେଖର ପାଢ଼ୀ): ବିସିସିଆଇ ପରିଚାଳିତ ଭିନୁ ମଙ୍କଡ ଟ୍ରଫି ୨୦୨୪-୨୫ ପାଇଁ ଓଡ଼ିଶା ଟିମ ଖେଳାଳିଙ୍କ ନାମ ଘୋଷଣା ହୋଇଛି । ୧୯ବର୍ଷରୁ କମ ବର୍ଗ ଓଡ଼ିଶା ଟିମ୍‌ରେ ବ୍ରହ୍ମପୁର ଆଲଫା ସ୍ପୋର୍ଟିଂ କ୍ଲବର ଅଭିନିତ୍ ପଟ୍ଟନାୟକ ସ୍ଥାନ ପାଇଛନ୍ତି। ସେ କ୍ଲବରେ ଅଭ୍ୟାସ କରୁଛନ୍ତି। ଅଭିନିତ୍ ଜଣେ ଦକ୍ଷ ଅଲ ରାଉଣ୍ଡର କ୍ରିକେଟର ଭାବେ ପରିଚିତ । ପୂର୍ବରୁ ସେ ୧୬ବର୍ଷରୁ କମ ବୟସ ବର୍ଗରେ କୁଚ ବିହାର ଟ୍ରଫି ଖେଳି ଚର୍ଚ୍ଚାକୁ ଆସିଥିଲେ । ସେ ବମ୍ବେ ନ୍ୟାଶନାଲ କ୍ରିକେଟ ଏକାଡେମୀରେ ପ୍ରଶିକ୍ଷଣ ନେଇଥିଲେ। ଅଭିନିତଙ୍କୁ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, କ୍ଲବ ସଭାପତି ଡା.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ସମ୍ପାଦକ ବିଜୟ ଭାସ୍କର ସିଂହ ସାମନ୍ତ, ସହସମ୍ପାଦକ ଆର୍‌.ମୁରଲି ମୋହନ, ଜିଲା କ୍ରୀଡ଼ା ସଂସଦ ପୂର୍ବତନ ସମ୍ପାଦକ ଅଶୋକ କୁମାର ସାହୁ, ଦିନେଶ ରାଉତ ଶୁଭେଚ୍ଛା ଜଣାଇଛନ୍ତି।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ବ୍ୟାଡମିଣ୍ଟନ ଦଳର ସମ୍ବଲପୁର ଗସ୍ତ

ବ୍ରହ୍ମପୁର ୨।୧୦(ସ୍ୱାଧୀନ ଶେଖର ପାଢ଼ୀ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ବ୍ୟାଡ଼ମିଣ୍ଟନ ଦଳ ସମ୍ବଲପୁର ଗସ୍ତ କରିଛନ୍ତି। ସେମାନେ ରାଜ୍ୟ ଅନ୍ତଃ ବିଶ୍ୱବିଦ୍ୟାଳୟ ଷ୍ଟାଫ ଏବଂ ଫ୍ୟାକୁଆଲଟି ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ଭାଗ ନେବେ। ରାଜନୀତି ବିଜ୍ଞାନ ବିଭାଗର ଡ଼. ସୌମେନ୍ଦ୍ର ମହାନ୍ତି, ଇତିହାସ ବିଭାଗର ଡ଼. ରମାକାନ୍ତ ଭୂୟାଁ, ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗର ଡ଼. ଅଗ୍ନି କୁମାର ବେହେରା, ପି ଏଚ ଡ଼ି ସେକ୍ସନର ଶୁଭ୍ରକାନ୍ତ ସାବତ, କୁଳପତି କାର୍ଯ୍ୟାଳୟର ଏସ. କ୍ରୀଷ୍ଣା ରେଡି ଦଳରେ ରହିଛନ୍ତି।

# ଉଠା ଦୋକାନୀଙ୍କୁ ଥଇଥାନ ଦାବିରେ ଧାରଣା

ବ୍ରହ୍ମପୁର,୨।୧୦(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ପକ୍ଷରୁ ବିଜିପୁର ଛକଠାରେ ଉଠା ଦୋକାନୀଙ୍କୁ ଉଚ୍ଛେଦ ପରେ ଅସନ୍ତୋଷ ଦେଖିବାକୁ ମିଳିଛି। ଦୋକାନୀମାନେ କୌଣସି ସ୍ଥାନରେ ବ୍ୟବସାୟ ପାଇଁ ସୁବିଧା ନ ପାଇବାରୁ ବୁଧବାର ପୁନଃ ଥଇଥାନ ଦାବିରେ ବିଜିପୁର ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଯେଉଁ ସ୍ଥାନରେ ବ୍ୟବସାୟ କରୁଥିଲେ, ସେହି ସ୍ଥାନରେ ହିଁ ବ୍ୟବସାୟ କରିବାକୁ ସୁବିଧା ପ୍ରଦାନ ପାଇଁ ଦୋକାନୀମାନେ



ଉଠା ଦୋକାନୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଦାବି କରିଥିଲେ। ଅନ୍ୟତ୍ର ସ୍ଥାନାନ୍ତରଣ କରାଗଲେ ସେମାନେ ବ୍ୟବସାୟରେ କ୍ଷତି ସହିବେ ବୋଲି ଦୋକାନୀମାନେ କହିଛନ୍ତି। ଏଣୁ ବିଇଏମସି ପକ୍ଷରୁ ସ୍ଥାୟୀ ଥଇଥାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦୋକାନୀମାନେ ଦାବି କରିଛନ୍ତି। ଗୁରୁବାର ରାମଲିଙ୍ଗେଶ୍ୱର ଟ୍ୟାଙ୍କ ରୋଡଠାରୁ ପଦଯାତ୍ରା କରି ମେୟର ଓ କମିଶନରଙ୍କୁ ଦାବି ପ୍ରଦାନ କରିବେ ବୋଲି ଦୋକାନୀମାନେ କହିଛନ୍ତି। ସୂଚନାଯୋଗ୍ୟ, ବିଜିପୁର ସନ୍ତୋଷୀ ମା ମନ୍ଦିର ନିକଟରେ ରାସ୍ତା ପାର୍ଶ୍ୱରେ ଜଣେ ମହିଳା ବ୍ୟବସାୟୀ କାର ଦୁର୍ଘଟଣାରେ ମୃତ୍ୟୁ ଘଟିବା ପରେ ବିଇଏମସି ପକ୍ଷରୁ ବିଜିପୁରଠାରୁ ଗୋସାଣୀ ନୂଆଗାଁ ଯାଏଁ ସମସ୍ତ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ




ବିଜେଡିର ଜନ ସମ୍ପର୍କ ପଦଯାତ୍ରା ।

ବ୍ରହ୍ମପୁର,୨।୧୦(ନରସିଂହ ସାହୁ)

ବ୍ରହ୍ମପୁରରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ବୁଧବାର ଆରମ୍ଭ ହୋଇଛି। ପୂର୍ବାହ୍ନରେ ନେତା ଓ କର୍ମୀ ଗାନ୍ଧୀ ନଗର ଛକରେ ସ୍ଥାପିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସେଠାରୁ ରାମ ଲିଙ୍ଗମ ପାର୍କ ପର୍ଯ୍ୟନ୍ତ ପଦଯାତ୍ରା ଯାଇଥିଲା। ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ଏମପି ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ଼ି, ଅର୍ବାନ ବ୍ୟାଙ୍କ ସଭାପତି ମୂରଲି ମୋହନ, ସୁରେନ୍ଦ୍ର ମହାରଣା, ସଂଜିତ ପାଣିଗ୍ରାହି, ନୀଳକଣ୍ଠ ସାହୁ, ତିରୁପତି ପାତ୍ର, ଜିଲା ସାଧାରଣ ସମ୍ପାଦକ ମନୋଜ ମହାପାତ୍ର ଏବଂ ଅନେକ ଦଳୀୟ କର୍ପୋରେଟର ସାମିଲ ହୋଇଥିଲେ। ମମତା ବିଶୋୟୀ, ସୋନାଲି ଗନ୍ତାୟତଙ୍କ ସମେତ ଅନେକ ମହିଳା ବିଜେଡି ନେତ୍ରୀ ଓ କର୍ମୀ ପଦଯାତ୍ରା ବେଳେ ଲୋକଙ୍କ ସହ ସମ୍ପର୍କ ଯୋଡ଼ି ଗତ ସରକାର ଅମଳରେ ହୋଇଥିବା ବହୁମୁଖୀ ଯୋଜନା ନେଇ ସଚେତନ କରାଇଥିଲେ। ନୂଆ ଭାଜପା ସରକାରଙ୍କ ବିଫଳ ଶାସନ ବଖାଣିଥିଲେ। ନେତା ଓ କର୍ମୀମାନେ ଗାନ୍ଧୀ ପାର୍କ ପରିସରରେ ସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପ୍ରାର୍ଥନା କରିଥିଲେ। ୯ ତାରିଖରୁ ନୂଆ ସଦସ୍ୟ ସଂଗ୍ରହ ଅଭିଯାନ ଚାଲିବ ବୋଲି ଜିଲା ସଭାପତି ସୂଚାଇଥିଲେ।

## ନବାଗତ ବିଦ୍ୟାର୍ଥୀଙ୍କ ପାଇଁ 'ଆଗମନ' କାର୍ଯ୍ୟକ୍ରମ

ବ୍ରହ୍ମପୁର,୨।୧୦(ସ୍ୱାଧୀନ ଶେଖର ପାଢ଼ୀ) ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗରେ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରଙ୍କ ନିମନ୍ତେ 'ଆଗମନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଳସଚିବ ସୁଶ୍ରୀ ଶାନ୍ତିସୁଧା ପାତ୍ର ଉପସ୍ଥିତ ଥିଲେ। ମୁଖ୍ୟଅତିଥି ରୂପେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନୂତନ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ସୂଚନା ଦେଇଥିଲେ । ଅଧ୍ୟାପକ ଡକ୍ଟର ବିଭୂତି ପ୍ରସାଦ ବାରିକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। । ବିଭାଗୀୟ ମୁଖ୍ୟ ଡକ୍ଟର ସୁଶୀଲ ରାଠୋର ଜାତୀୟ ଶିକ୍ଷାନୀତି-୨୦୨୦ ଅନ୍ତର୍ଗତ ପାଠ୍ୟକ୍ରମ ସମ୍ପର୍କରେ ଆଲୋଚନା କରି ଛାତ୍ରୀଛାତ୍ରଙ୍କୁ ଏ ଦିଗରେ ସଚେତନ କରିଥିଲେ। ବିଭାଗୀୟ ଅଧ୍ୟାପିକା ଅଧ୍ୟାପକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରମାନେ ନବାଗତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରୀତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀ ଦିବ୍ୟା ଧନ୍ୟବାଦ ଦେଇଥିଲେ।

# ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

■ଭାଜପାର ବଡ଼ମେଡିକାଲରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ବ୍ରହ୍ମପୁର,୨।୧୦
(ସ୍ମୃତି ରଞ୍ଜନ ମହାଲିକ/ ନରସିଂହ ସାହୁ)

ସହରର ବିଭିନ୍ନ ସଂଗଠନ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ସାତ୍ତ୍ୱିକ ସୋଲ ଫାଉଣ୍ଡେଶନ ପକ୍ଷରୁ ଗାନ୍ଧୀଙ୍କୁ ସ୍ମରଣ କରିବା ପାଇଁ ସ୍ୱଚ୍ଛତା ଅଭିଯାନ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେସନର ସମସ୍ତ ସଦସ୍ୟ ଶପଥ ପାଠ କରିବା ସହ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ସଫେଇ କରିଥିଲେ। ସେହିପରି ପୂଜ୍ୟ ପୂଜା ସମିତ ପକ୍ଷରୁ ଗାନ୍ଧୀନଗରଠାରେ ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଏକ ସ୍ମୃତି ସଭା ହୋଇଥିଲା। ଏନସିସି-୨ ବାଟାଲିୟନ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଓ ସ୍ୱଚ୍ଛତା ହିଁ ସେବା ଅବସରରେ ଗାନ୍ଧୀନଗରଠାରେ ରାଲି କରାଯାଇଥିଲା। ଏଥିରେ ୯୦ ଜଣ ଏନସିସି କ୍ୟାଡେଟ ଓ ଏନସିସି ଅଧିକାରୀ ଉପସ୍ଥିତ ଥିଲେ। ଗାନ୍ଧି ନଗର, ବାରାକ ସାହି, ଅନ୍ନପୂର୍ଣ୍ଣା ମାର୍କେଟ, ରାମଲିଙ୍ଗମ ପାର୍କ ଅଞ୍ଚଳରେ ସଫେଇ କରାଯାଇଥିଲା। ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ଜିଲା ସଂଯୋଜକ ଭାରତ ଗୌରବ ଦାଶଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ପୂଜ୍ୟ ପୂଜା ସମିତି ସଂପାଦକ ଶାମ୍ବଶିବା ରାଓ, ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲିକଙ୍କ ସମେତ ସୁରେନ୍ଦ୍ର ନାଥ ପଣ୍ଡା ଓ କାହ୍ନୁ ଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ସରୋଜ ରଞ୍ଜନ ପଟ୍ଟନାୟକ, ମହାନ ସଂଘର ସୁଶାନ୍ତ ସାବତ, ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା, ପ୍ରଗତିଶୀଳ ଉତ୍କଳ ସମାଜର ଡି କେଶବ ରାଓ, ଫୋରମ ଫର ଗଞ୍ଜାମର ଇ ଟି ରାଓ ଏବଂ ଓଡିଶା ଡେଭଲପମେଣ୍ଟ ଫୋରମର ପ୍ରତିଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାଜପା ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ନଗର ଛକରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ କାର୍ଯ୍ୟକ୍ରମରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧକ୍ଷା ଭି. ଶ୍ରୀନିଭାସନ ଯୋଗ ଦେଇଥିଲେ। ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ସଂଯୋଜନା କରିଥିଲେ। ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧକ୍ଷା ଓ ମନ୍ତ୍ରୀ ଜେନା ବକ୍ତବ୍ୟ ରଖିଥିଲେ। ଗଞ୍ଜାମ ସାଙ୍ଗଠନିକ ଜିଲା ପକ୍ଷରୁ ଗାନ୍ଧୀ ନଗର କାର୍ଯ୍ୟକ୍ରମ ହୋଇଥିବା ବେଳେ ବିଧାୟକ କେ. ଅନୀଲଙ୍କ ଗୋଷ୍ଠୀ ପକ୍ଷରୁ ବଡ଼ ମେଡିକାଲରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାନଗରରେ ଭାଜପା ପକ୍ଷରୁ ଅଲଗା କାର୍ଯ୍ୟକ୍ରମ ହୋଇଥିବାରୁ ଚର୍ଚ୍ଚାର ବିଷୟ ପାଲଟିଥିଲା।

## ମହିଳାଙ୍କ ମୃତଦେହ ଜବତ, କାରଣ ଅସ୍ପଷ୍ଟ

ବ୍ରହ୍ମପୁର ୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ୍ ଡୁଡୁମା କଲୋନୀରୁ ଜଣେ ମହିଳାଙ୍କ ମୃତଦେହ ପୋଲିସ ବୁଧବାର ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ୩୦ ରୁ ୩୫ ବର୍ଷ ହେବ ବୋଲି ପୋଲିସ କହିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇଛି। ଏନେଇ ୩୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମହିଳାଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନାହିଁ। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ମୃତଦେହ ବ୍ୟବଚ୍ଛେଦ ପରେ ତାହାକୁ ଚିହ୍ନଟ ପାଇଁ ଏମକେସିଜିରେ ସଂରକ୍ଷିତ ରଖାଯାଇଛି। ମହିଳା ଜଣଙ୍କୁ ଉକ୍ତ କଲୋନୀ ପାଚେରୀ ନିକଟକୁ କିଏ ନେଇଥିଲା ନା ସେ ନିଜେ ସେଠାକୁ ଯାଇଥିଲେ ସେ ଦିଗରେ ପୋଲିସ ତଦନ୍ତ କରୁଛି। ମହିଳା ଜଣଙ୍କ ସ୍ଥାନୀୟ ଅଞ୍ଚଳର ହୋଇ ନ ଥିବା ବେଳେ ସେ ଲଟାବୁଦା ହୋଇ ରହିଥିବା ଉକ୍ତ ଜାଗାକୁ କାହିଁକି ଯାଇଥିଲେ ତାହା ସନ୍ଦେହ ଘେରରେ ରହିଛି। ସ୍ଥାନୀୟ ଲୋକଙ୍କୁ ପୋଲିସ ମୃତ ମହିଳାଙ୍କ ସମ୍ପର୍କରେ ପଚରାଉଚରା କରି ମୃତକ ଜଣଙ୍କ ଉକ୍ତ ଅଞ୍ଚଳର ହୋଇ ନ ଥିବା ଜାଣିବାକୁ ପାଇଥିଲା।




